ପଶ୍ଚିମ ବଙ୍ଗ ରାଜ୍ୟ

ବନାମ

ଗୋପାଳ ସରକାର

ନଭେମ୍ବର 7, 2001

[ଡି. ପି. ମହାପାତ୍ର ଏବଂ ପି. ଭେଙ୍କଟରାମା ରେଡ୍ଡୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜଙ୍ଗଲ ଅଧିନିୟମ, 1927:*

*ଧାରା 59-A(3) (ପଶ୍ଚିମବଙ୍ଗ ସଂଶୋଧନ 1988 ଦ୍ୱାରା ସଂଶୋଧିତ)- ଜଙ୍ଗଲ ଅପରାଧ- ଅପରାଧ କରିବାରେ ବ୍ୟବହୃତ ହତିଆର ଏବଂ ଉପକରଣର ବାଜ୍ୟାପ୍ତି- ବେଆଇନ ଭାବରେ କାଟି ଜଙ୍ଗଲ ଅଞ୍ଚଳରୁ କାଠ ଗଣ୍ଡିକୁ ଅପସାରଣ- ଅପରାଧ କରିବା ପାଇଁ ବ୍ୟବହୃତ ହତିଆର ଏବଂ ଉପକରଣ ସହିତ ବାଜ୍ୟାପ୍ତି- ଏହି ଅଧିନିୟମରେ ପ୍ରଦାନ କରାଯାଇଥିବା ମତେ ଆବେଦନରେ ଆଦେଶକୁ ଆପତ୍ତି କରାଯାଇନାହିଁ, କିନ୍ତୁ ସମ୍ବିଧାନର ଅନୁଚ୍ଛେଦ 227 ଅଧୀନରେ ଏବଂ ସିଆରପିସି ର ଧାରା 482 ଅଧୀନରେ ଏକ ଆବେଦନରେ ଆପତ୍ତି କରାଯାଇଛି- ଉଚ୍ଚ ନ୍ୟାୟାଳୟ ନିଜର ପୂର୍ବ ନିର୍ଣ୍ଣୟ ଉପରେ ନିର୍ଭର କରି ଏହି ଆଦେଶକୁ ରଦ୍ଦ କରିଛନ୍ତି ଯେଉଁଥିରେ ଏହା କୁହାଯାଇଥିଲା ଯେ ଯନ୍ତ୍ରପାତି ଏବଂ/କିମ୍ବା କରତ କାରଖାନାକୁ ଜବତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ, ଧାରା 59A(3) ଦୃଷ୍ଟିରୁ ବୈଧ ହୋଇପାରିବ ନାହିଁ, ଯେହେତୁ କରତ କାରଖାନାକୁ ରାଜ୍ୟ ସରକାରଙ୍କ ସମ୍ପତ୍ତି ଭାବେ ବିବେଚନା କରାଯାଇପାରିବ ନାହିଁ- ଯଦି ଜବତ ହୋଇଥିବା ଉପକରଣ, ଯନ୍ତ୍ରପାତି, ଯାନ ଇତ୍ୟାଦି ଜଙ୍ଗଲ ଅପରାଧ କାର୍ଯ୍ୟରେ ବ୍ୟବହୃତ ହୁଏ, ତେବେ ପ୍ରାଧିକୃତ ଅଧିକାରୀ ବାଜ୍ୟାପ୍ତି ଆଦେଶ ପାରିତ କରିପାରିବେ- ପ୍ରାଧିକୃତ ଅଧିକାରୀ ସ୍ପଷ୍ଟ ଭାବରେ ଏକ ସିଦ୍ଧାନ୍ତ ଲିପିବଦ୍ଧ କରିଥିଲେ ଯେ ସେ ସନ୍ତୁଷ୍ଟ ଥିଲେ ଯେ ଜଙ୍ଗଲ ଅପରାଧ କାର୍ଯ୍ୟରେ ବ୍ୟାଣ୍ଡ କରତ ଏବଂ ଉପକରଣ ବ୍ୟବହାର କରାଯାଇଥିଲା- ଏହି ସିଦ୍ଧାନ୍ତ ଅପରିବର୍ତ୍ତିତ ରହିଥିଲା- ଉଚ୍ଚ ନ୍ୟାୟାଳୟ ଏହାର ପୂର୍ବ ନିର୍ଣ୍ଣୟ ଉପରେ ନିର୍ଭର କରି ଏବଂ ବାଜ୍ୟାପ୍ତି ଆଦେଶକୁ ରଦ୍ଦ କରିବାରେ ଭୁଲ କରିଥିଲେ- ଭାରତର ସମ୍ବିଧାନ- ଅନୁଚ୍ଛେଦ 227- ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 – ଧାରା 402 ।*

*ବିଭାଗୀୟ ବନ୍ୟ ଅଧିକାରୀ ଏବଂ ଅନ୍ୟଜଣେ ବନାମ ଜି. ଭି. ସୁଧାକର ରାଓ ଏବଂ ଅନ୍ୟମାନେ,* **ଏଆଇଆର (1986) ଏସସି 328 ଉପରେ ନିର୍ଭର କରାଯାଇଛି ।**

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 1143।/2001

ସିଆର ସଂଖ୍ୟା 558/2000 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ତା 24.4.2000 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ତପେଶ ରାୟ ଏବଂ ସତୀଶ ଭିଗ ।

ପ୍ରତିବାଦୀଙ୍କ ପକ୍ଷରୁ ପି. ଏନ. ମିଶ୍ର, ଡି. ଭରତ କୁମାର, ଆନନ୍ଦ ଏବଂ ଅଭିଜିତ ସେନଗୁପ୍ତା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା ।

ଆମ୍ଭେ ପକ୍ଷମାନଙ୍କ ପାଇଁ ଶ୍ରୀମାନ ଓକିଲଙ୍କୁ ଶୁଣିଛୁ ।

ଭାରତୀୟ ଜଙ୍ଗଲ ଅଧିନିୟମ (ପଶ୍ଚିମବଙ୍ଗ ରାଜ୍ୟରେ ସଂଶୋଧିତ) ଅଧୀନରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ପାରିତ କେତେକ ହତିଆର ଏବଂ ଉପକରଣ ବାଜ୍ୟାପ୍ତି କରିବା ଆଦେଶକୁ ରଦ୍ଦ କରି, ସିଆର ସଂଖ୍ୟା 558/ 2000 ରେ କଲିକତା ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ବିଚାରପତିଙ୍କ ରାୟ, ପଶ୍ଚିମବଙ୍ଗ ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନରେ ଆପତ୍ତି ଅଧୀନରେ  ଅଛି ।

ମୋରାଘାଟ ଫରେଷ୍ଟ ରେଞ୍ଜର ଡେପୁଟି ରେଞ୍ଜରଙ୍କ ଦ୍ୱାରା କରାଯାଇଥିବା ଏକ ଚଢ଼ାଉରେ, ପ୍ରତିବାଦୀର କରତ କାରଖାନାର ପରିସରରେ, 11 ଖଣ୍ଡ ଗାମ୍ଭର, ଟୁନ, ସିସୋ, ବ୍ୟାଣ୍ଡ କରତ ସହିତ 1.054 ମିଟର ପରିମାପର କାଠଗଣ୍ଡି ଏବଂ ଅନ୍ୟାନ୍ୟ ଉପକରଣ ଏହି ଅଭିଯୋଗରେ ଜବତ କରାଯାଇଥିଲା ଯେ ଜଙ୍ଗଲ ଉତ୍ପାଦ (କାଠ ଗଣ୍ଡି) ବେଆଇନ ଭାବରେ କାଟି ଜଙ୍ଗଲ ଅଞ୍ଚଳରୁ ବୈଧ ଅନୁମତି ଏବଂ ପରିବହନ ଅନୁମତି ବିନା କଟାଗଲା ଏବଂ ଉଠାଇ ନିଆଯାଇଥିଲା ଏବଂ ବ୍ୟାଣ୍ଡ କରତ ଏବଂ ଅନ୍ୟାନ୍ୟ ଉପକରଣମାନ ଜଙ୍ଗଲ ସଂକ୍ରାନ୍ତୀୟ ଅପରାଧ କାର୍ଯ୍ୟରେ ବ୍ୟବହୃତ କରାଯାଇଥିଲା । ବିଧାନ ଅଧୀନରେ ନିର୍ଦ୍ଧାରିତ ପ୍ରକ୍ରିୟା ସମାପ୍ତ କରିବା ପରେ ଜଳପାଇଗୁଡ଼ି ଜିଲ୍ଲାର ପ୍ରାଧିକୃତ ଅଧିକାରୀ ତଥା ବିଭାଗୀୟ ଅଧିକାରୀ ତା 11.2.2000 ରିଖର ଆଦେଶ ଦ୍ୱାରା ବ୍ୟାଣ୍ଡ କରତ ଏବଂ ଉପକରଣ ସହିତ ଜଙ୍ଗଲ ଉତ୍ପାଦ (କାଠର ଗଣ୍ଡି) ବାଜ୍ୟାପ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କ୍ଷମତାର ପ୍ରୟୋଗ କରି ଧାରା 59-A(3) ଅଧୀନରେ ଏହି ଆଦେଶ ପାରିତ କରାଯାଇଥିଲା । ଭାରତୀୟ ଜଙ୍ଗଲ ଅଧିନିୟମ, 1927 (ପଶ୍ଚିମବଙ୍ଗ ସଂଶୋଧନ 1988) ର ପ୍ରାଧିକୃତ ଅଧିକାରୀ  ଏହି ସିଦ୍ଧାନ୍ତକୁ ଲିପିବଦ୍ଧ କରିଥିଲେ:

"ଉପରୋକ୍ତ ତଥ୍ୟର  ଦୃଷ୍ଟିରୁ, ମୁଁ ସନ୍ତୁଷ୍ଟ ଯେ ଯେଉଁ କାଠ ସମ୍ବନ୍ଧରେ ଅପରାଧ ଘଟିଛି ତାହା ରାଜ୍ୟ ସରକାରଙ୍କ ସମ୍ପତ୍ତି ଏବଂ କାଟିବା ଉପକରଣ (ଉପକରଣ) ଅର୍ଥାତ୍ ବ୍ୟାଣ୍ଡ କରତ ଇତ୍ୟାଦି ଜଙ୍ଗଲ ଅପରାଧ କାର୍ଯ୍ୟ କରିବା ପାଇଁ ବ୍ୟବହୃତ ହୋଇଥିଲା ଏବଂ କାଠର ପରିଚୟ ପରିବର୍ତ୍ତନ କରି ଲୁଚାଇବା ପାଇଁ ମଧ୍ୟ ବ୍ୟବହୃତ ହୋଇଥିଲା ଯାହା ଭାରତୀୟ ଜଙ୍ଗଲ ଅଧିନିୟମ, 1927 (ପଶ୍ଚିମବଙ୍ଗ ସଂଶୋଧନ, 1988) ର ଧାରା 59-A(3) ର ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ଜବତ ଆଇନ ଅନୁଯାୟୀ ବାଧିତ । ପୁନଶ୍ଚ ଏହି ତାରିଖ ପର୍ଯ୍ୟନ୍ତ କେହି ଏହି କାଠକୁ ଦାବି କରିବାକୁ ଆଗେଇ ଆସିନାହାଁନ୍ତି, ଯଦି ଏହା ଏକ ପ୍ରକୃତ କାଠ ହୋଇଥା'ନ୍ତା, ତେବେ କିଛି ଦାବିଦାର ରହିଥା'ନ୍ତେ ।"

କାର୍ଯ୍ୟାନୁଷ୍ଠାନରେ ତାଙ୍କ ସିଦ୍ଧାନ୍ତର ସାରାଂଶ ଦେଇ ସେ ନିମ୍ନଲିଖିତ ସର୍ତ୍ତାବଳୀ ଉପରେ ଆଦେଶ ପାରିତ କରିଥିଲେ:

"ଯଦିଓ ମୁଁ ସନ୍ତୁଷ୍ଟ ଯେ ଜଙ୍ଗଲ ଉତ୍ପାଦ ସମ୍ବନ୍ଧରେ ଏକ ଜଙ୍ଗଲ ଅପରାଧ କରାଯାଇଛି ଯାହା ରାଜ୍ୟ ସରକାରଙ୍କ   ସମ୍ପତ୍ତି ଏବଂ ବ୍ୟାଣ୍ଡ କରତର ପଞ୍ଜୀକୃତ ମାଲିକ, ଯାହାକୁ କାଟିବା ଉପକରଣ ଭାବରେ ବ୍ୟବହୃତ କରାଯାଇଛି ଏବଂ ଉକ୍ତ ଜଙ୍ଗଲ ଅପରାଧରେ ବ୍ୟବହୃତ ହୋଇଛି, ମୋ ସନ୍ତୋଷରେ ପ୍ରମାଣ କରିବାରେ ବିଫଳ ହୋଇଛି ଯେ ଏହାର ବ୍ୟବହାର ତାଙ୍କ କିମ୍ବା ତାଙ୍କ ପ୍ରତିନିଧି କିମ୍ବା ବ୍ୟାଣ୍ଡ କରତର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ଜ୍ଞାନ କିମ୍ବା ସହଯୋଗ ବିନା ବ୍ୟବହୃତ ହୋଇନଥିଲା ଏବଂ ସେ ପ୍ରମାଣ କରିବାରେ ବିଫଳ ହୋଇଥିଲେ ଯେ ସେମାନେ ପ୍ରତ୍ୟେକ ବ୍ୟାଣ୍ଡ କରତର ଏପରି ବ୍ୟବହାର ବିରୁଦ୍ଧରେ ସମସ୍ତ ଯୁକ୍ତିଯୁକ୍ତ ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିଥିଲେ । ମୁଁ, ଜଳପାଇଗୁଡ଼ି ଜିଲ୍ଲାର ପ୍ରାଧିକୃତ ଅଧିକାରୀ; ବିଜ୍ଞପ୍ତି ସଂଖ୍ୟା 2760-ଏଫଓଆର ମାଧ୍ୟମରେ ମୋତେ ଦିଆଯାଇଥିବା କ୍ଷମତା ବଳରେ

ଭାରତୀୟ ଜଙ୍ଗଲ ଅଧିନିୟମ, 1927 (ପଶ୍ଚିମବଙ୍ଗ ସଂଶୋଧନ, 1988) ର ଧାରା 59-A(3) ଅନୁଯାୟୀ ପଶ୍ଚିମବଙ୍ଗଙ୍କୁ କାଟିବା ହତିଆର (ଉପକରଣମାନ) ସହିତ ଉକ୍ତ ଜବତ କାଠ ଗଣ୍ଡିଗୁଡ଼ିକୁ ବାଜ୍ୟାପ୍ତି କରିବାକୁ ନିର୍ଦ୍ଦେଶ ଦେଉଛି ।"

ଏହି ଅଧିନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ବାଜ୍ୟାପ୍ତି ଆଦେଶ ବିରୁଦ୍ଧରେ କୌଣସି ଆବେଦନକୁ ପ୍ରତିବାଦୀ ଆଗତ କରିନଥିଲେ । ସେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 227 ଏବଂ ଫୌଜଦାରୀ କାର୍ଯ୍ୟବିଧି ଅଧିନିୟମ, 482 ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ । ଉକ୍ତ କାର୍ଯ୍ୟାନୁଷ୍ଠାନରେ ଆପତ୍ତି ଅଧୀନରେ ଥିବା ଆଦେଶଟି ପାରିତ ହୋଇଥିଲା ।

ରାୟରେ କରାଯାଇଥିବା ଆଲୋଚନାରୁ ଜଣାପଡ଼େ ଯେ ମାନ୍ୟବର ଏକକ ବିଚାରପତି ମୁଖ୍ୟତଃ *ସୁଭାଷ ରାୟ* ବନାମ *ପଶ୍ଚିମବଙ୍ଗ ରାଜ୍ୟ*, 1997 ର ଡବ୍ଲ୍ୟୁ.ପି 1591 (ଡବ୍ଲ୍ୟୁ) ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରି ଏହି ତା 3-2-1997 ରିଖ ଆଦେଶକୁ ପାରିତ କରିଥିଲେ ଯେଉଁଥିରେ ଏହା କୁହାଯାଇଥିଲା ଯେ ପଶ୍ଚିମ ବଙ୍ଗ ରାଜ୍ୟ ଦ୍ୱାରା ସଂଶୋଧିତ ଜଙ୍ଗଲ ଅଧିନିୟମର ଧାରା 59-A(3) ଅନୁଯାୟୀ ଯନ୍ତ୍ରପାତି ଏବଂ/କିମ୍ବା କରତ କାରଖାନାର ବାଜ୍ୟାପ୍ତି ପ୍ରକ୍ରିୟାରେ ବୈଧ ବୋଲି ଧରାଯାଇପାରିବ ନାହିଁ କାରଣ କରତ କାରଖାନାକୁ ରାଜ୍ୟ ସରକାରଙ୍କ ସମ୍ପତ୍ତି ଭାବରେ ବିବେଚନା କରାଯାଇପାରିବ ନାହିଁ । ଉକ୍ତ ନିର୍ଣ୍ଣୟ ଉପରେ ନିର୍ଭର କରି, ମାନ୍ୟବର ଏକକ ବିଚାରପତି କହିଛନ୍ତି ଯେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ପାରିତ ବାଜ୍ୟାପ୍ତି ଆଦେଶ ପୋଷଣୀୟ ନୁହେଁ । ଆମ୍ଭ ମତରେ, ବର୍ତ୍ତମାନର ମାମଲାରେ ଏହି ନିର୍ଣ୍ଣୟର କୌଣସି ପ୍ରୟୋଗ ନାହିଁ । ସେହି କ୍ଷେତ୍ରରେ ଏକ କରତ କାରଖାନା ଏବଂ ଏହାର ଯନ୍ତ୍ରପାତି ବାଜ୍ୟାପ୍ତ କରିବାକୁ ଚେଷ୍ଟା କରାଯାଇଥିଲା । ଏପରି ବାଜ୍ୟାପ୍ତ କରିବାର କାରଣ ରାୟରୁ ସ୍ପଷ୍ଟ ହେଉନାହିଁ । ଉଚ୍ଚ ନ୍ୟାୟାଳୟ ମତବ୍ୟକ୍ତ କରିଥିଲେ ଯେ ଏହି କାଠ-ମିଲ କାଠ କିମ୍ବା ଜଙ୍ଗଲ ଉତ୍ପାଦ ନୁହେଁ କିମ୍ବା ଏହାକୁ ରାଜ୍ୟ ସରକାରଙ୍କ ସମ୍ପତ୍ତି ଭାବରେ ବିବେଚନା କରାଯାଇପାରିବ ନାହିଁ ଏବଂ ତେଣୁ ବାଜ୍ୟାପ୍ତି କରିବା ସମ୍ପୂର୍ଣ୍ଣ ବେଆଇନ । ପୂର୍ବ ବାକ୍ୟରେ ଏହା ଦର୍ଶାଯାଇଥିଲା ଯେ ଧାରା 59-A(3) କେବଳ ସେତେବେଳେ ଆକର୍ଷିତ ହୁଏ ଯେତେବେଳେ କୌଣସି କାଠ କିମ୍ବା ଜଙ୍ଗଲ ଉତ୍ପାଦ ଯାହା ରାଜ୍ୟ ସରକାର ସମ୍ପତ୍ତି, ଜଣେ ବନ୍ୟ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ହୁଏ ଏବଂ ଏପରି ଅଧିକାରୀ ସନ୍ତୁଷ୍ଟ ହୁଅନ୍ତି ଯେ ଏପରି ସମ୍ପତ୍ତି ସମ୍ବନ୍ଧରେ ଏକ ଜଙ୍ଗଲ ଅପରାଧ କାର୍ଯ୍ୟ କରାଯାଇଛି । ସେହି ନିର୍ଣ୍ଣୟର ଅନୁପାତ ଏପରି ଲାଗୁଛି ଯେ ରାଜ୍ୟ ସରକାର ଜଙ୍ଗଲ ଉତ୍ପାଦ ବିଷୟରେ ଉଲ୍ଲେଖ ନ କରି ଏବଂ ପ୍ରାଧିକୃତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ରାଜ୍ୟର ଏପରି ସମ୍ପତ୍ତି ସମ୍ବନ୍ଧରେ ଜଙ୍ଗଲ ଅପରାଧ ହୋଇଛି ବୋଲି ଏକ ସିଦ୍ଧାନ୍ତ ଲିପିବଦ୍ଧ ନ କରି କରତ-କାରଖାନା କିମ୍ବା ଏହାର ଯନ୍ତ୍ରପାତି ଏକାକୀ ଭାବରେ ଜବତ କରାଯାଇପାରିବ ନାହିଁ । ବର୍ତ୍ତମାନର ମାମଲାରେ ଏଭଳି ବାସ୍ତବ ସ୍ଥିତି ନାହିଁ । ଏହି ମାମଲାଟି ସ୍ପଷ୍ଟ ଭାବରେ ଭିନ୍ନ ଅଟେ ।

ଏଠାରେ ଏହା ଧ୍ୟାନ ଦେବା ପ୍ରାସଙ୍ଗିକ ଯେ ଉପରୋକ୍ତ ଉଦ୍ଧୃତ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ସିଦ୍ଧାନ୍ତ ରାୟରେ ମାନ୍ୟବର ଏକକ ବିଚାରପତିଙ୍କ ଦ୍ୱାରା ପରିବର୍ତ୍ତିତ ହୋଇନଥିଲା ।

ଏହି ଅଧିନିୟମର ଧାରା 59-A(3) ନିମ୍ନରେ ଦିଆଗଲା:

"ଯଦି କୌଣସି କାଠ କିମ୍ବା ଅନ୍ୟାନ୍ୟ ଜଙ୍ଗଲ ଉତ୍ପାଦ ଯାହା ରାଜ୍ୟ ସରକାରଙ୍କ ସମ୍ପତ୍ତି, ଉପଧାରା 1 ଅଧୀନରେ ଜଣେ ପ୍ରାଧିକୃତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଏ ଏବଂ ପ୍ରାଧିକୃତ ଅଧିକାରୀ ସନ୍ତୁଷ୍ଟ ହୁଅନ୍ତି ଯେ ଏପରି ସମ୍ପତ୍ତି ସମ୍ବନ୍ଧରେ ଏକ ଜଙ୍ଗଲ ସଂକ୍ରାନ୍ତୀୟ ଅପରାଧ କାର୍ଯ୍ୟ ହୋଇଛି, ତେବେ

ସେ ଏପରି ଅପରାଧ ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ମକଦ୍ଦମା ଦାୟର କରାଯାଉ କିମ୍ବା ନ କରାଯାଉ, ଅପରାଧ କାର୍ଯ୍ୟରେ ବ୍ୟବହୃତ ସମସ୍ତ ଉପକରଣ, ଦଉଡ଼ି, ଚେନ୍, ଡଙ୍ଗା, ଯାନ ଏବଂ ଗାଈଗୋରୁ ଇତ୍ୟାଦି ପଶୁ ସହିତ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ଆଦେଶ ଦେଇପାରିବେ ।"

ଏହି ପ୍ରାବଧାନର ଯଥାର୍ଥ ଅଧ୍ୟୟନ ପରେ ଏହା ସ୍ପଷ୍ଟ ଅଟେ ଯେ, ଯେଉଁ କ୍ଷେତ୍ରରେ କୌଣସି କାଠ କିମ୍ବା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ, ଯାହା ରାଜ୍ୟ ସରକାରଙ୍କ ସମ୍ପତ୍ତି, ଉପଧାରା (1) ଅଧୀନରେ ଉପସ୍ଥାପିତ ହୋଇଥାଏ ଏବଂ ଜଣେ ପ୍ରାଧିକୃତ ଅଧିକାରୀ ସନ୍ତୁଷ୍ଟ ହୁଅନ୍ତି ଯେ ଏପରି ସମ୍ପତ୍ତି ସମ୍ବନ୍ଧରେ ଏକ ଜଙ୍ଗଲ ଅପରାଧ ହୋଇଛି, ସେ ଉକ୍ତ ସମ୍ପତ୍ତି (ଜଙ୍ଗଲଜାତ ଦ୍ରବ୍ୟ) ସମ୍ବନ୍ଧରେ ଅପରାଧ କରିବା ପାଇଁ ବ୍ୟବହୃତ ସମସ୍ତ ଉପକରଣ, ଦଉଡ଼ି, ଶୃଙ୍ଖଳ, ଡଙ୍ଗା, ଯାନ ଏବଂ ଗାଈଗୋରୁ ଇତ୍ୟାଦି ପଶୁ ସହିତ ବାଜ୍ୟାପ୍ତି କରିବା ପାଇଁ ଆଦେଶ ଦେଇପାରିବେ । ବାଜ୍ୟାପ୍ତି କରିବାର କ୍ଷମତା କରାଯାଇଥିବା ଜଙ୍ଗଲ ଅପରାଧ କାର୍ଯ୍ୟ ପାଇଁ ମକଦ୍ଦମାର କୌଣସି କାର୍ଯ୍ୟାନୁଷ୍ଠାନରୁ ସ୍ୱତନ୍ତ୍ର । ଏହି ସ୍ଥିତି ବିଧାନରୁ ସ୍ପଷ୍ଟ ହୋଇଛି ଏବଂ ଏହି ନ୍ୟାୟାଳୟ ଦ୍ୱାରା *ବିଭାଗୀୟ ବନ୍ୟ ଅଧିକାରୀ ଏବଂ ଅନ୍ୟଜଣେ* ବନାମ *ଜି. ଭି. ସୁଧାକର ରାଓ ଏବଂ ଅନ୍ୟମାନେ,* ଏଆଇଆର (1986) ଏସସି 328 ମାମଲାରେ ଏହା କୁହାଯାଇଛି । ସେଥିରେ ଏହି ନ୍ୟାୟାଳୟ ଏହି ବ୍ୟବସ୍ଥାଟିକୁ ନିମ୍ନମତେ ସ୍ପଷ୍ଟ କରିଛନ୍ତି:

" ଅଧିନିୟମର ଧାରା 44 ର ଧାରା (2A) ଅଧୀନରେ ଜବତ ହୋଇଥିବା କାଠ କିମ୍ବା ଜଙ୍ଗଲ ଉତ୍ପାଦ ଏବଂ ଉପକରଣ ଇତ୍ୟାଦି ବାଜ୍ୟାପ୍ତି କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କୁ ପ୍ରଦାନ କରିବା ଉପରାନ୍ତେ, ସେ ସନ୍ତୁଷ୍ଟ ହେବା ପରେ ଯେ ଏହା ସମ୍ବନ୍ଧରେ ଏକ ଜଙ୍ଗଲ ଅପରାଧ କାର୍ଯ୍ୟ କରାଯାଇଛି, ଏହା ନିର୍ଭର କରେ ନାହିଁ ଯେ ଅପରାଧୀଙ୍କ ବିରୁଦ୍ଧରେ ଜଙ୍ଗଲ ଅପରାଧ କାର୍ଯ୍ୟ ପାଇଁ ଏକ ମକଦ୍ଦମା ଆରମ୍ଭ ହୋଇଛି କି ନାହିଁ । ଏହା ଏକ ଅପରାଧ ସଂକ୍ରାନ୍ତରେ ନ୍ୟାୟାଳୟ ସମ୍ମୁଖରେ ବିଚାରଠା'ରୁ ଏକ ପୃଥକ ଏବଂ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ । ଅଧିନିୟମର ଧାରା 44 ର ଉପ-ଧାରା (2A) ଅଧୀନରେ ଯେଉଁଠାରେ ଜଣେ ବନ ଅଧିକାରୀ କୌଣସି କାଠ କିମ୍ବା ଜଙ୍ଗଲ ଉତ୍ପାଦ ଜବତ ବିଷୟରେ ଅବଗତ କରାନ୍ତି ଏବଂ ଜବତ ହୋଇଥିବା କାଠକୁ ଧାରା 44(2) ଅଧୀନରେ ଏକ ବିବରଣୀ ସହିତ ପ୍ରାଧିକୃତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତି, ଅଧିନିୟମର ଧାରା 20 କିମ୍ବା 29 ଅଧୀନରେ ଅଭିଯୁକ୍ତ ଜଙ୍ଗଲ ଅପରାଧ କାର୍ଯ୍ୟ ପାଇଁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବିଚାରର ସମ୍ମୁଖୀନ ହେଉଛନ୍ତି କି ନାହିଁ, ତାହା ନିର୍ବିଶେଷରେ,ବିଚାରକୁ ନ ନେଇ, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ ଏକ ଜଙ୍ଗଲ ଅପରାଧ କାର୍ଯ୍ୟ ହୋଇଛି, ତେବେ ପ୍ରାଧିକୃତ ଅଧିକାରୀ ଏପରି କାଠ କିମ୍ବା ଜଙ୍ଗଲ ଉତ୍ପାଦ ଏବଂ ଉପକରଣ ଇତ୍ୟାଦି ବାଜ୍ୟାପ୍ତି କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିବେ ।"

ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ବର୍ତ୍ତମାନର ମାମଲାର ତଥ୍ୟ ଉପରେ, ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ତଥ୍ୟର ସିଦ୍ଧାନ୍ତ ଯାହା ଅପରିବର୍ତ୍ତିତ ରହିଥିଲା ତାହା ଏହିକି ଯେ ସେ ସନ୍ତୁଷ୍ଟ ଥିଲେ ଯେ ବ୍ୟାଣ୍ଡ କରତ ଏବଂ ପ୍ରଶ୍ନରେ ଥିବା ଉପକରଣଗୁଡିକ ଜଙ୍ଗଲ ଅପରାଧ କାର୍ଯ୍ୟରେ ଜଙ୍ଗଲ ଅଞ୍ଚଳରୁ କାଠଗୁଡ଼ିକର ବେଆଇନ ଅପସାରଣରେ ଏବଂ ବ୍ୟବହାରରେ ବ୍ୟବହୃତ ହୋଇଥିଲା । ଏହା ଧ୍ୟାନ ଦେବା ପ୍ରାସଙ୍ଗିକ ଯେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କାଠ ବାଜ୍ୟାପ୍ତି କରିବାର ବୈଧତା ସ୍ୱୀକାର କରାଯାଇଥିଲା । ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ସିଦ୍ଧାନ୍ତ ଯେ ବ୍ୟାଣ୍ଡ କରତ ଏବଂ ପ୍ରଶ୍ନରେ ଥିବା ଉପକରଣଗୁଡିକ ବେଆଇନ କାଟିବା ଏବଂ କାଠ ଅପସାରଣ ସମ୍ବନ୍ଧୀୟ ଜଙ୍ଗଲ ଅପରାଧ କାର୍ଯ୍ୟରେ ବ୍ୟବହୃତ ହୋଇଥିଲା ତାହା

ଅପରିବର୍ତ୍ତିତ ରହିଲା ବୋଲି ସିଦ୍ଧ ହେଉଛି । ତେଣୁ, ଉଚ୍ଚ ନ୍ୟାୟାଳୟ ବ୍ୟାଣ୍ଡ କରତ ଏବଂ ଉପକରଣଗୁଡ଼ିକର ବାଜ୍ୟାପ୍ତି ଆଦେଶରେ ହସ୍ତକ୍ଷେପ କରି ସ୍ପଷ୍ଟ ଭାବେ ଭୁଲ୍ କରିଥିଲେ । ବିଧାନର ଯେଉଁ ସ୍ଥିତି ସମ୍ବିଧାନର ବ୍ୟବସ୍ଥାଗୁଡ଼ିକୁ ପଢ଼ିବା ଦ୍ୱାରା ସ୍ପଷ୍ଟ ହୁଏ, ତାହା ଏହିକି ଯେ ଯଦି ଜବତ ହୋଇଥିବା ହତିଆର, ଉପକରଣ, ଯାନ ଇତ୍ୟାଦି ଆରୋପିତ ଜଙ୍ଗଲ ଅପରାଧ କାର୍ଯ୍ୟରେ ବ୍ୟବହୃତ ହୁଏ, ତେବେ ଧାରା 59A(3) ଅନୁଯାୟୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ବାଜ୍ୟାପ୍ତି ଆଦେଶ ଜାରି କରାଯାଇପାରିବ । ଏହି ପ୍ରସଙ୍ଗରେ ସେହି ଦୃଷ୍ଟିକୋଣରୁ ଆପତ୍ତି ଅଧୀନରେ ଥିବା ରାୟ ସ୍ପଷ୍ଟ ଭାବରେ ପୋଷଣୀୟ ନୁହେଁ ଏବଂ ଏହାକୁ ରଦ୍ଦ କରିବାକୁ ପଡ଼ିବ ।

ଆବେଦନକୁ ମଞ୍ଜୁରୀ ଦିଆଯାଉଛି ଏବଂ ଆପତ୍ତି ଅଧୀନରେ ଥିବା ରାୟକୁ ରଦ୍ଦ କରାଯାଉଛି । ତେବେ ସେ ଯାହା ହେଉ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**